ଖଗେନ୍ଦ୍ର ଲାଲ୍ ଦତ୍ତ ଏବଂ ଅନ୍ୟଜଣେ

ବନାମ

ଜାକୋବ୍ ସୋଲେ ଜାକୋବ୍

ଅଗଷ୍ଟ 17, 1995

[କେ. ରାମସ୍ୱାମୀ ଏବଂ ବି. ଏଲ. ହଂସାରିୟା, ନ୍ୟାୟମୂର୍ତ୍ତିଦ୍ୱୟ]

*ପ୍ରଜାସ୍ୱତ୍ତ୍ୱ ଆଇନ:*

*ଆବାସିକ ବାସସ୍ଥାନ- ପ୍ରଜାସ୍ୱତ୍ତ୍ୱ- ଭଡ଼ାଟିଆ ଏବଂ ତାଙ୍କ ଉତ୍ତରାଧିକାରୀଙ୍କ ମୃତ୍ୟୁ- ଉଚ୍ଛେଦ ପାଇଁ ମକଦ୍ଦମା- ଉପ-ପ୍ରଜାସ୍ୱତ୍ତ୍ୱ ପ୍ରମାଣ ପାଇଁ ଦସ୍ତାବିଜ ଉପରେ ନିର୍ଭର କରିବା- ନିର୍ଣ୍ଣୟ ହୋଇଛି, ଲିଖିତ ବିବୃତିରେ ଉପ-ପ୍ରଜାସ୍ୱତ୍ତ୍ୱ ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ଯୁକ୍ତି ନଥିଲେ, ତାହା ସ୍ଥାପିତ କରିବା ପାଇଁ କୌଣସି ପ୍ରକାର ପ୍ରମାଣକୁ ଗ୍ରହଣ କରାଯାଇ ପାରିବ ନାହିଁ ।*

ଆବେଦନକାରୀ, ଉତ୍ତରଦାତାଙ୍କୁ ମକଦ୍ଦମାଭୁକ୍ତ ପରିସରରୁ ଉଚ୍ଛେଦ କରିବା ପାଇଁ ଏକ ମକଦ୍ଦମା ଦାୟର କରିଥିଲେ, ଯେଉଁଥିରେ ଅଭିଯୋଗ କରାଯାଇଥିଲା ଯେ ଉତ୍ତରଦାତା ଜଣେ ଅନଧିକାର ପ୍ରବେଶକାରୀ ଥିଲେ । ଅଭିଯୋଗ ହୋଇଥିଲା ଯେ ଆବେଦନକାରୀ ମକଦ୍ଦମାଭୁକ୍ତ ପରିସରକୁ ମୂଳ ଭଡ଼ାଟିଆଙ୍କୁ ହସ୍ତାନ୍ତର କରିଥିଲେ । ତାଙ୍କ ମୃତ୍ୟୁ ପରେ, ତାଙ୍କ ପତ୍ନୀ ପ୍ରଜାସ୍ୱତ୍ତ୍ୱ ଉତ୍ତରାଧିକାରୀ ହୋଇଥିଲେ । 9.7.1981 ରେ ତାଙ୍କ ମୃତ୍ୟୁ ପରେ, ଯେତେବେଳେ ଆବେଦନକାରୀ ସମ୍ପତ୍ତି ଦଖଲ କରିବାକୁ ଚାହିଁଥିଲେ, ଉତ୍ତରଦାତା ବାଧା ସୃଷ୍ଟି କରିଥିଲେ, ଯେଉଁଥିପାଇଁ ଏହି ମକଦ୍ଦମା ଦାୟର କରାଯାଇଛି । ବିଚାର କରୁଥିବା ନ୍ୟାୟାଳୟ ଏହି ମକଦ୍ଦମାର ବିଚାରାଦେଶ ପ୍ରଦାନ କରିଛନ୍ତି । ଆବେଦନରେ, ଏହି ମକଦ୍ଦମା ଅନୁରକ୍ଷଣୀୟ ନୁହେଁ କହି ଉଚ୍ଚ ନ୍ୟାୟାଳୟ ଖାରଜ କରି ନିର୍ଣ୍ଣୟ ନେଇଛନ୍ତି ଯେ ମୂଳ ଭଡ଼ାଟିଆଙ୍କ ପତ୍ନୀ ମକଦ୍ଦମା ଆଗତ ତାରିଖ ଦିନ ଜୀବିତ ଥିଲେ । ଏଥିରେ ବ୍ୟଥିତ ହୋଇ ସ୍ୱତନ୍ତ୍ର ଅନୁମତି ଦ୍ୱାରା ମାଲିକ ଏହି ଆବେଦନ ଆଗତ କରିଛନ୍ତି ।

ଉତ୍ତରଦାତାଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲା ଯେ, ନୀରବ ସ୍ୱୀକୃତି ଦ୍ୱାରା ଏକ ଉପ-ପ୍ରଜାସତ୍ତ୍ୱ ସୃଷ୍ଟି ହୋଇଥିଲା, କାରଣ ଉପଯୁକ୍ତ ଭଡ଼ା ନିର୍ଦ୍ଧାରଣ ପାଇଁ ଭଡା ନିୟନ୍ତ୍ରକଙ୍କ ନିକଟରେ ଉତ୍ତରଦାତା ଦେଇଥିବା ଦରଖାସ୍ତରେ ଆବେଦନକାରୀଙ୍କୁ ଦ୍ୱିତୀୟ ଉତ୍ତରଦାତା ଭାବେ ଦର୍ଶାଯାଇଥିଲେ ମଧ୍ୟ, ଆବେଦନକାରୀ ଉପ-ପ୍ରଜାସତ୍ତ୍ୱ ଆଧାରରେ ତାଙ୍କୁ ସେହି ସ୍ଥାନରୁ ଉଚ୍ଛେଦ କରିବା ପାଇଁ କୌଣସି ପଦକ୍ଷେପ ନେଇନଥିଲେ ।

ଆବେଦନକୁ ଅନୁମତି ଦେଇ, ଏହି ନ୍ୟାୟାଳୟ

ନିର୍ଣ୍ଣୟ ନେଇଛନ୍ତି ଯେ: 1. ତଥ୍ୟ ଏହା ଯେ ମୂଳ ଭଡ଼ାଟିଆଙ୍କ ପତ୍ନୀ 9.7.1981 ରେ ମୃତ୍ୟୁବରଣ କରିଥିଲେ, ଅର୍ଥାତ୍, ମକଦ୍ଦମା ଦାୟର ହେବା ପୂର୍ବରୁ, ବିବାଦରେ ନ ଥିବାରୁ, 1940 ରେ ସୃଷ୍ଟି ହୋଇଥିବା ପ୍ରଜାସତ୍ତ୍ୱ ଅଧିକାର ସମାପ୍ତ ହୋଇଥିଲା ।

**2. ଯଦି ଲିଖିତ ବିବୃତିରେ ଆବେଦନକାରୀଙ୍କ ବିରୋଧରେ ଏପରି କୌଣସି ନିର୍ଦ୍ଦିଷ୍ଟ ଦାବି କରାଯାଇନାହିଁ ଯେ ନୀରବ ସ୍ୱୀକୃତି ଦ୍ୱାରା ଆବେଦନକାରୀ ଏବଂ ଉତ୍ତରଦାତାଙ୍କ ମଧ୍ୟରେ ଏକ ଉପ-ପ୍ରଜାସତ୍ୱ ସୃଷ୍ଟି ହୋଇଥିଲା, ତେବେ ସେହି ସମ୍ବନ୍ଧରେ କୌଣସି ପ୍ରମାଣକୁ ବିଚାରକୁ ନିଆଯାଇପାରିବ ନାହିଁ । ସୀମାବନ୍ଧନ ଏବଂ ପୂର୍ବ କଥାରୁ ଓହରି ନଯିବା ଭଳି ଯେଉଁସବୁ ଯୁକ୍ତିଗୁଡ଼ିକ ଲିଖିତ ବିବୃତିରେ ଦର୍ଶାଯାଇଛି, ଯାହା ଉପରେ ଉତ୍ତରଦାତା ନିର୍ଭର କରୁଛନ୍ତି, ସେଗୁଡ଼ିକ ଅତ୍ୟନ୍ତ ସାଧାରଣ ଏବଂ ସେହିଭଳି ଯୁକ୍ତି ସହିତ ସମାନ ଅଟେ ଯାହା ପ୍ରାୟତଃ ସବୁ ପ୍ରକାରର ଲିଖିତ ବିବୃତିରେ ନିୟମିତ ଭାବରେ ନିଆଯାଇଥାଏ । ବିଚାର କରୁଥିବା ନ୍ୟାୟାଳୟ ଏକ ସିଦ୍ଧାନ୍ତରେ ପହଞ୍ଚିଛନ୍ତି ଯେ କୌଣସି ଉପ-ପ୍ରଜାସତ୍ୱ ନାହିଁ ଏବଂ ଉଚ୍ଚ ନ୍ୟାୟଳୟଙ୍କ ଦୁଇଜଣିଆ ଖଣ୍ଡପୀଠ ସେହି ପ୍ରଶ୍ନକୁ ଯାଇ ନାହାନ୍ତି ।**

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 7587/1995

22.8.92 ତାରିଖରେ, କଲିକତା ଉଚ୍ଚ ନ୍ୟାୟାଳୟଙ୍କ ଏ. ଓ. ଡି. 130/1988 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

ପି. କେ. ଚାଟାର୍ଜୀ, ଏ. ଭଟ୍ଟାଚାର୍ଜୀ ଏବଂ ଆର. ପି. ଗୁପ୍ତା ଆବେଦନକାରୀଙ୍କ ପାଇଁ ।

ଏ. କେ. ଗାଙ୍ଗୁଲି ଏବଂ ଭି. କ୍ରିଷ୍ଣମୂର୍ତ୍ତି ଉତ୍ତରଦାତାମାନଙ୍କ ପାଇଁ ।

ଏହି ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅନୁମତି ମଞ୍ଜୁର କରାଗଲା ।

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଦାୟର ହୋଇଥିବା ଏହି ଆବେଦନଟି, କଲିକତା ଉଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠ ଦ୍ୱାରା 22.9.1992 ତାରିଖରେ ମୂଳ ବିଚାରାଦେଶ ସଂଖ୍ୟା 130/88 ରେ ଆଗତ ହୋଇଥିବା ଆବେଦନରେ ପ୍ରଦାନ କରାଯାଇଥିବା ରାୟ ବିରୁଦ୍ଧରେ ଆସିଛି । ତଥ୍ୟଗୁଡ଼ିକ ବିବାଦରେ ନାହିଁ ।

ଆବେଦନକାରୀ 1940 ମସିହାରେ କଲିକତାର ରୟଡ ଷ୍ଟ୍ରିଟରେ ଅବସ୍ଥିତ 25A ସଂଖ୍ୟା ବିଶିଷ୍ଟ ତଳ ମହଲା ଗୃହକୁ ଶ୍ରୀ ଷ୍ଟେନର୍ ନାମକ ଜଣେ ବ୍ୟକ୍ତିଙ୍କୁ ହସ୍ତାନ୍ତର କରିଥିଲେ । ତାଙ୍କ ମୃତ୍ୟୁ ପରେ, ତାଙ୍କ ପତ୍ନୀ ଶ୍ରୀମତୀ ଷ୍ଟେନର, ପ୍ରଜାସ୍ୱତ୍ତ୍ୱ ଉତ୍ତରାଧିକାର ହାସଲ କରିଥିଲେ ଏବଂ ସେ ଜୁଲାଇ 9,1981 ରେ ମୃତ୍ୟୁବରଣ କରିଥିଲେ । ତା'ପରେ ଆବେଦନକାରୀ ଉକ୍ତ ପରିସରରୁ ଉତ୍ତରଦାତାଙ୍କୁ ଉଚ୍ଛେଦ କରିବା ପାଇଁ ଏକ ମାମଲା ଦାୟର କରିଥିଲେ, ସେଥିରେ ଏହି ଯୁକ୍ତି ଦର୍ଶାଇଥିଲେ ଯେ ଯେତେବେଳେ ଆବେଦନକାରୀ ପ୍ରତ୍ୟକ୍ଷ ଦଖଲ ନେବାକୁ ସେଠାକୁ ଯାଇଥିଲେ, ସେତେବେଳେ ଆଶ୍ଚର୍ଯ୍ୟଜନକ ଭାବରେ ସେମାନେ ଉତ୍ତରଦାତାଙ୍କୁ ସେହି ମକଦ୍ଦମଭୁକ୍ତ ପରିସରର ଦଖଲରେ ଥିବା ଦେଖିବାକୁ ପାଇଥିଲେ । ଯେତେବେଳେ ଦଖଲ ଦାବି କରାଯାଇଥିଲା, ସେ ବାଧା ଦେଇଥିଲେ । ଫଳସ୍ୱରୂପ, ଉତ୍ତରଦାତାଙ୍କୁ ଜଣେ ଅନଧିକାର ପ୍ରବେଶକାରୀ ଭାବରେ ବିବେଚନା କରି, ଆବେଦନକାରୀ ଉଚ୍ଛେଦ ପାଇଁ ମକଦ୍ଦମା ଦାୟର କରିଥିଲେ । ବିଚାର କରୁଥିବା ନ୍ୟାୟାଳୟ ଉଚ୍ଛେଦ ପାଇଁ ବିଚାରାଦେଶ ପ୍ରଦାନ କରିଥିଲେ । ଆବେଦନରେ, ଦୁଇଜଣିଆ ଖଣ୍ଡପୀଠ ଏହି ବିଚାରାଦେଶକୁ କେବଳ ଏହି ଆଧାରରେ ଅଗ୍ରାହ୍ୟ କରିଦେଇଥିଲେ ଯେ ମହାନଗର ଦଣ୍ଡାଧିକାରୀଙ୍କ ପାଖରେ ଆଗତ ହୋଇଥିବା ଶ୍ରୀମତୀ ଷ୍ଟେନରଙ୍କ ସତ୍ୟପାଠରୁ ଏହା ଜଣାପଡ଼ିଛି ଯେ ମକଦ୍ଦମା ଦାୟର ହେବା ତାରିଖ ଦିନ ଶ୍ରୀ ଷ୍ଟେନର୍ ଜୀବିତ ଥିଲେ; ଏବଂ ମିଷ୍ଟର୍ ଷ୍ଟେନରଙ୍କ ପ୍ରଜାସ୍ୱତ୍ତ୍ୱ ନିର୍ଦ୍ଧାରଣ ନକରି, ଉଚ୍ଛେଦ ପାଇଁ ଆଗତ ହୋଇଥିବା ମକଦ୍ଦମା

ଅନୁରକ୍ଷଣୀୟ ହୋଇ ନଥିଲା; ତେଣୁ, ଏହା ମକଦ୍ଦମାକୁ ଖାରଜ କରିଦେଇଥିଲେ । ତେଣୁ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନକୁ ଆଗତ କରାଯାଇଛି ।

ଉତ୍ତରଦାତାଙ୍କ ପାଇଁ ବିଦ୍ୱାନ ବରିଷ୍ଠ ଅଧିବକ୍ତା ଶ୍ରୀ ଗାଙ୍ଗୁଲିଙ୍କ ଦ୍ୱାରା ଏହା ଯଥାର୍ଥ ଭାବରେ ବିରୋଧ କରାଯାଇ ନାହିଁ ଯେ ମକଦ୍ଦମା ଦାୟର ହେବା ସମୟରେ ଭଡ଼ାଟିଆ ଶ୍ରୀ ଷ୍ଟେନର, ମୃତ୍ୟୁବରଣ କରିଥିଲେ । ଏହା ମଧ୍ୟ ବିବାଦୀୟ ନୁହେଁ ଯେ ଶ୍ରୀମତୀ ଷ୍ଟେନର୍ 9.7.1981 ରେ ମୃତ୍ୟୁବରଣ କରିଥିଲେ । ଏହାର ପରିଣାମ ହେଉଛି ଯେ ଭଡ଼ାଟିଆଙ୍କ ମୃତ୍ୟୁ ସହିତ, 1940 ରେ ସୃଷ୍ଟି ହୋଇଥିବା ପ୍ରଜାସତ୍ୱ ଅଧିକାର ସମାପ୍ତ ହୋଇଛି । ତା 'ପରେ ଏକମାତ୍ର ପ୍ରଶ୍ନ ରହିଛି ଯେ ଜମି ମାଲିକଙ୍କ ସମ୍ବନ୍ଧରେ ବିବାଦୀୟ ପରିସରର ଦଖଲରେ ରହିବା ପାଇଁ ଉତ୍ତରଦାତାଙ୍କର କୌଣସି ଅଧିକାର ଅଛି କି ନାହିଁ । ଅର୍ଜିରେ ଏହା ନିର୍ଦ୍ଦିଷ୍ଟ ଭାବରେ ନିବେଦନ କରାଯାଇଥିଲା ଯେ ପ୍ରତିବାଦୀ ଜଣେ ଅନଧିକାର ପ୍ରବେଶକାରୀ ଏବଂ ଦଖଲରେ ରହିବା ପାଇଁ ତାଙ୍କର କୌଣସି ଅଧିକାର ନାହିଁ । ଚୁକ୍ତି ଦ୍ୱାରା କିମ୍ବା ଜମି ମାଲିକଙ୍କ ନୀରବ ସ୍ୱୀକୃତି ଦ୍ୱାରା ଏକ ଉପ-ପ୍ରଜାସତ୍ୱ କିପରି ସୃଷ୍ଟି ହୋଇଛି ସେ ବିଷୟରେ ଲିଖିତ ବିବୃତିରେ ଜମି ମାଲିକଙ୍କ ସମ୍ବନ୍ଧରେ କିଛି ଯୁକ୍ତି କରାଯାଇ ନାହିଁ । ଅନ୍ୟପକ୍ଷରେ, ଏହା ସ୍ୱୀକାର କରାଯାଇଛି ଯେ ଆବେଦନକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଭଡ଼ାକୁ ଗ୍ରହଣ କରିବାକୁ ଆବେଦନକାରୀ ମନା କରିଦେଇଥିଲେ ।

ଶ୍ରୀ ଗାଙ୍ଗୁଲି ଯୁକ୍ତି ଦର୍ଶାଇବାକୁ ଚେଷ୍ଟା କରିଥିଲେ ଯେ, ନୀରବ ସ୍ୱୀକୃତି ଦ୍ୱାରା ଏକ ଉପ-ପ୍ରଜାସତ୍ୱ ସୃଷ୍ଟି ହୋଇଥିଲା, କାରଣ ଶ୍ରୀମତୀ ଷ୍ଟେନର୍ଙ୍କ ଦ୍ୱାରା ଉତ୍ତରଦାତାଙ୍କୁ ସେହି ସମ୍ପତ୍ତିର ଦଖଲ ଦିଆଯିବା ବିଷୟରେ ଆବେଦନକାରୀ ଜାଣିଥିଲେ, ଏବଂ ଯେତେବେଳେ ଉତ୍ତରଦାତା ଉପଯୁକ୍ତ ଭଡ଼ା ସ୍ଥିର କରିବା ପାଇଁ ଦେୱାନୀ ଅଦାଲତ (ଭଡା ନିୟନ୍ତ୍ରକ) ପାଖରେ ଏକ ଆବେଦନ ପତ୍ର ଦାଖଲ କରିଥିଲେ, ଯେଉଁଥିରେ ଆବେଦନକାରୀଙ୍କୁ ଦ୍ୱିତୀୟ ଉତ୍ତରଦାତା ଭାବରେ ପକ୍ଷଭୁକ୍ତ କରାଯାଇଥିଲା, ସେତେବେଳେ ଆବେଦନକାରୀ ଉପ-ପ୍ରଜାସତ୍ୱ ଆଧାରରେ ପରବର୍ତ୍ତୀ ବ୍ୟକ୍ତିଙ୍କୁ ସେଠାରୁ ବେଦଖଲ କରିବା ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ । ସେ ମଧ୍ୟ ଉଚ୍ଚ ନ୍ୟାୟାଳୟଙ୍କ ମୂଳ ପକ୍ଷ ଦ୍ୱାରା ଶ୍ରୀମତୀ ଷ୍ଟେନର୍ ଏବଂ ଉତ୍ତରଦାତାଙ୍କ ମଧ୍ୟରେ ହୋଇଥିବା ଏକ ଆପୋଷ ବୁଝାମଣା ବିଚାରାଦେଶ ଉପରେ ଭରସା କରିବାକୁ ଚାହୁଁଛନ୍ତି, ଯେଉଁଥିରେ ଉତ୍ତରଦାତାଙ୍କ ଉପ-ପ୍ରଜାସତ୍ୱ ଅଧିକାରକୁ ସ୍ୱୀକାର କରାଯାଇଛି ।

ଯଦି ଲିଖିତ ବିବୃତିରେ ଆବେଦନକାରୀଙ୍କ ବିରୋଧରେ ଏପରି କୌଣସି ନିର୍ଦ୍ଦିଷ୍ଟ ଦାବି କରାଯାଇନାହିଁ ଯେ ନୀରବ ସ୍ୱୀକୃତି ଦ୍ୱାରା ଆବେଦନକାରୀ ଏବଂ ଉତ୍ତରଦାତାଙ୍କ ମଧ୍ୟରେ ଏକ ଉପ-ପ୍ରଜାସତ୍ୱ ସୃଷ୍ଟି ହୋଇଥିଲା, ତେବେ ସେହି ସମ୍ବନ୍ଧରେ କୌଣସି ପ୍ରମାଣକୁ ବିଚାରକୁ ନିଆଯାଇପାରିବ ନାହିଁ । ଏହା ଆଇନର ଏକ ସୁପ୍ରତିଷ୍ଠିତ ନୀତି ଏବଂ ଏହା ଉପରେ ବିସ୍ତୃତ ବିଚାରର ଆବଶ୍ୟକତା ନାହିଁ । ଶ୍ରୀ ଗାଙ୍ଗୁଲି ସ୍ପଷ୍ଟ ଭାବରେ ସ୍ୱୀକାର କରିଛନ୍ତି ଯେ ଏପରି କୌଣସି ନିର୍ଦ୍ଦିଷ୍ଟ ଯୁକ୍ତି ନାହିଁ । ତେବେ ସେ ଦର୍ଶାଇଥିଲେ ଯେ ଲିଖିତ ବିବୃତିର ପାରା 2 ରେ ସୀମାବନ୍ଧନ, ପୂର୍ବ କଥାରୁ ଓହରି ନାଯିବା ଇତ୍ୟାଦିର ଯୁକ୍ତି ଉପସ୍ଥାପନ କରାଯାଇଛି, ଯାହା ଦର୍ଶାଉଛି ଯେ ଉତ୍ତରଦାତା ଉପ-ପ୍ରଜାସତ୍ୱକୁ ମଧ୍ୟ ନୀରବ ସ୍ୱୀକୃତି ଦେଇଥିବା ବିଷୟରେ ମଧ୍ୟ ଯୁକ୍ତି କରିଛନ୍ତି । ଆମେ ସହମତ ହୋଇପାରିବୁ ନାହିଁ, କାରଣ ପାରା 2 ରେ ଦର୍ଶାଯାଇଥିବା ଯୁକ୍ତିଗୁଡ଼ିକ ଅତ୍ୟନ୍ତ ସାଧାରଣ ଏବଂ ଏଗୁଡ଼ିକ ସେହିଭଳି ଯୁକ୍ତି ଯାହା ସାଧାରଣତଃ ସବୁ ପ୍ରକାର ଲିଖିତ ବିବୃତିରେ ନିୟମିତ ଭାବରେ ନିଆଯାଇଥାଏ ।

ଯଦି ଆବେଦନକାରୀଙ୍କ ସମ୍ପର୍କରେ ଉପ-ପ୍ରଜାସତ୍ୱର କୌଣସି ନିର୍ଦ୍ଦିଷ୍ଟ ଯୁକ୍ତି ଦର୍ଶାଯାଇନାହିଁ, ତେବେ ସେହି ବିଷୟରେ କୌଣସି ପ୍ରମାଣକୁ ବିଚାରକୁ ନିଆଯାଇପାରିବ ନାହିଁ । ବିଚାର କରୁଥିବା ନ୍ୟାୟାଳୟ ଏକ ତଥ୍ୟ ପ୍ରଦାନ

କରିଛନ୍ତି ଯେ କୌଣସି ଉପ-ପ୍ରଜାସତ୍ୱ ନାହିଁ ଏବଂ ଦୁଇଜଣିଆ ଖଣ୍ଡପୀଠ ସେହି ପ୍ରଶ୍ନକୁ ଯାଇ ନାହାନ୍ତି । ଆମେ ଆମର ବିବେକ ପ୍ରୟୋଗ କରିଛୁ ଏବଂ ଉତ୍ତରଦାତାଙ୍କ ମାମଲାରେ କୌଣସି ଆଧାର ପାଇ ନାହୁଁ ।

ଅପିଲିୟ ନ୍ୟାୟଳୟଙ୍କ ବିଚାରାଦେଶକୁ ଅଗ୍ରାହ୍ୟ କରାଗଲା ଏବଂ ବିଚାର କରୁଥିବା ନ୍ୟାୟାଳୟଙ୍କ ବିଚାରାଦେଶକୁ ନିଶ୍ଚିତ କରାଗଲା । ସେହି ଅନୁଯାୟୀ ଆବେଦନକୁ ସମ୍ପୂର୍ଣ୍ଣ ଖର୍ଚ୍ଚ ସହିତ ଅନୁମତି ପ୍ରଦାନ କରାଗଲା ।

ଆର୍. ପି. ଆବେଦନକୁ ଅନୁମତି ପ୍ରଦାନ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

***ଶ୍ରୀ ଜଟାଧାରୀ ସେଠୀ***

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ